ARSS INFRASTRUCTURE PROJECTS LTD.

Date: 31-07-2026

Bombay Stock Exchange Limited, Phiroze Jeejeebhoy Towers 1st Floor, Rotunda Building, Dalal Street, Mumbai- 400001 **BSE Scrip Code - 533163**	**National Stock Exchange of India Limited**, Exchange Plaza, Plot No-C1, G Block Bandra Kurla Complex, Bandra (E), Mumbai-400051 **NSE Symbol: ARSSINFRA**

Sub: Newspaper clippings - Advertisement published in Newspapers for completion of dispatch of the Notice of the Postal Ballot of ARSS Infrastructure Projects Limited & other related information.

Dear Sir/Madam,

We enclosed, in terms of Regulation 30 of SEBI (Listing obligations and Disclosure Requirements) Regulation, 2015 copies of the news Paper clippings of the advertisement published on 31st July, 2026 respect of public notice of Postal Ballot and remote E-voting information, in the following news Papers:

- Business Standard (In English language) (all India Editions)
- Odisha Bhaskar (In Odia language) (All Odisha Editions)

This is for your information and records.

Thanking You,
Yours faithfully,

For **ARSS Infrastructure Projects Limited**

RAJENDRA BISWAL Digitally signed by RAJENDRA BISWAL Date: 2026.07.31 15:23:14 +05'30'

(Rajendra Biswal)
Company Secretary &
Compliance Officer
ACS-76448

ARSS Infrastructure Projects Ltd. BBSR

Encl: As Above

Regd. Off.: Plot No-38, Sector –A, Zone-D, Mancheswar Industrial Estate, Bhubaneswar -751010 (Odisha)
Tel-91 06742602763; Email: cs@arssgroup.in
CIN : L14103OR2000PLC006230

Business Standard Campus talk

BS Marketing Initiative

BIITM Inaugurates New Academic Building, Launches 11th Kalpataru Das Memorial Lecture Series, and Hosts Blood Donation Camp

Biju Patnaik Institute of Information Technology & Management Studies (BIITM) today inaugurated its new academic building, launched the 11th Kalpataru Das Memorial Lecture Series, and held a blood donation camp, marking the 11th Punyatithi of Late Kalpataru Das, Founder Chairman, BIITM.

The Blood Donation Camp, inaugurated by Prof. (Dr.) Mihir Ranjan Nayak, Principal, BIITM, drew officials from NSS Bhubaneswar, Sambad (Ama Odisha), and the Indian Red Cross Society, Odisha.

Padma Shri Dr. Aditya Prasad Dash, Former Vice-Chancellor, Central University of Tamil Nadu, inaugurated the new academic building and toured the facility, meeting faculty, staff, and students.

At the memorial lecture in KDM Hall, Dr. Dash spoke on management, diplomacy, and teamwork, urging students toward resilience, citing C. V. Raman as inspiration. He was felicitated and recalled a memorable interaction with BIITM's late Founder Chairman.

Prof. (Er.) P. R. Pattanayak, Advisor, BIITM, recalled the Founder Chairman's belief that leadership means owning responsibility. Prof. (Dr.) Chinmaya Kumar Dash, Dean (Academics), gave the vote of thanks.

Investor Awareness Programme Organised by P.G. Department of Commerce, Utkal University in Collaboration with SEBI and NSE

The P.G. Department of Commerce, Utkal University, organised an Investor Awareness Programme 0n July 22 in collaboration with the Securities and Exchange Board of India (SEBI) and the National Stock Exchange (NSE) to promote financial literacy and informed investment practices among students, research scholars and faculty members.

Shri Prashant Kumar Mishra, Deputy General Manager, SEBI, highlighted investor rights, the importance of investing through registered intermediaries, protection against financial frauds and cyber scams, and grievance redressal mechanisms. The NSE resource person explained capital markets, mutual funds, SIPs and long-term wealth creation through practical demonstrations.

Prof. Rabindra Kumar Swain, Head of the Department, reaffirmed the university's commitment to financial education, noting that such initiatives bridge the gap between academic learning and practical financial knowledge. The programme concluded with a vote of thanks.

ନୂଆଦିଲ୍ଲୀ : ଗତ ୨୦ ତାରିଖରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନବେଳେ ଆହତ ହୋଇଥିବା ଛାତ୍ରଙ୍କୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । ଗୁରୁବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପେଲେଟ୍ ଗନ୍ ଦ୍ୱାରା ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ଚିକିତ୍ସା ଦିଲ୍ଲୀ ସରକାର କରିବେ । ଏହାସହ ସରକାରଙ୍କୁ ମଧ୍ୟ ହତିଆର ବ୍ୟବହାର କରିବାର ରେକର୍ଡ ରଖିବାପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଆହତଙ୍କୁ ଯେଉଁଭଳି ଉପଯୁକ୍ତ ଚିକିତ୍ସା ମିଳିପାରିବ ସେ ନେଇ ସରକାର ନିଶ୍ଚିତ କରିବା ଜରୁରି । ବିଶେଷଭାବେ ପେଲେଟ୍ ଗନ୍‌ରେ ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦିଆଯିବା ଉଚିତ୍ ବୋଲି ଅଦାଲତ କହିଛନ୍ତି । ସୁପ୍ରିମକୋର୍ଟ ପୂର୍ବତନ କେନ୍ଦ୍ରୀୟ ସୂଚନା କମିଶନ ଓ ଭାରତୀୟ ପୋଲିସ ସେବାର ଅବସରପ୍ରାପ୍ତ ଅଧିକାରୀ ଯଶୋବର୍ଦ୍ଧନ ଆଜାଦ୍ ଏବଂ ପେଲେଟ୍ ଗନ୍‌ରେ ଆହତ ହୋଇଥିବା ୨ଜଣ ବ୍ୟକ୍ତିଙ୍କ ଆବେଦନ ଉପରେ ଶୁଣାଣି କରିଥିଲେ । ଆବେଦନରେ ଆଇନ ବ୍ୟବସ୍ଥାର ସ୍ଥିତିର ମୁକାବିଲା ପାଇଁ ଧାତୁରେ ତିଆରି ପେଲେଟ୍ ଗନ୍ ବ୍ୟବହାର ଉପରେ ସଂପୂର୍ଣ୍ଣ ଭାବେ କଟକଣା ଲଗାଇବା ପାଇଁ ଉଲ୍ଲେଖ କରାଯାଇଥିଲା । ତେବେ ଖଣ୍ଡପୀଠ କହିଛନ୍ତି ଯେ ଅସାଧାରଣ ପରିସ୍ଥିତିରେ ପୋଲିସଙ୍କୁ ପେଲେଟ୍ ଗନ ବ୍ୟବହାର କରିବାର ଅଧିକାର ପ୍ରଦାନ କରାଯାଇଛି । ତେବେ ଖଣ୍ଡପୀଠ କହିଛନ୍ତି ଯେ ୨୦ରେ ହୋଇଥିବା ପ୍ରଦର୍ଶନର ମୁକାବିଲା ପାଇଁ ପେଲେଟ୍ ଗନ୍ ବ୍ୟବହାର କରିବା ମାମଲା ଉପରେ ଶୁଣାଣି କରିବାକୁ ସେ ପ୍ରସ୍ତୁତ ରହିଛନ୍ତି ।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

ମହାନଦୀରେ ଆସୁଛି...

ଫୁଟ ରହିଛି । ଶୁକ୍ରବାର ଡ୍ୟାମର ୧୦ରୁ ୧୨ ଗେଟ୍ ଖୋଲିବାର ସମ୍ଭାବନା ଅଛି । ଏବେ ହୀରାକୁଦ ଜଳଭଣ୍ଡାର ଭିତରକୁ ପ୍ରତି ସେକେଣ୍ଡରେ ୩ଲକ୍ଷ ୧୧ ହଜାର ୬୬୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୬୩ହଜାର ୧୧୪ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ମହାନଦୀରେ ବନ୍ୟା ଆସିଲେ ଏହାର ଶାଖାନଦୀ କୁଆଖାଇ, କାଠଯୋଡ଼ି, ବିରୂପା, ଦେବୀ, ପାଇକା, ଲୁଣା, କୁଶଭଦ୍ରା ଓ ଭାର୍ଗବୀ ନଦୀରେ ବନ୍ୟା ଦେଖାଦେବ । ଫଳରେ ତଳି ଅଞ୍ଚଳ ଲୋକଙ୍କୁ ଏ ନେଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ ମହାନଦୀରେ ବନ୍ୟା ଆସୁଥିବାରୁ ନଦୀବନ୍ଧ ଓ ବ୍ୟାରେଜ ଉପରେ ଭିଡିଓ ଧ୍ୟାନ କରାଯାଇଛି । ଏ ନେଇ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଯେଉଁମାନେ ଅମାନିଆ ହେବେ ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ । ଅନ୍ୟପକ୍ଷରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତା ୪୮ଘଣ୍ଟା ପାଇଁ ଧବଳେଶ୍ୱର ପୀଠକୁ ନ ଯିବା ନିମନ୍ତେ ବାରଣ କରାଯାଇଛି ।

ସିସିଏସ୍...

ପରିବର୍ତ୍ତନ ଓ ଭାରତର ଅଶୋଧିତ ତୈଳ, ପେଟ୍ରୋଲିୟମ ଉତ୍ପାଦ, ଏଲପିଜି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯୋଗାଣ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏହି ସୁରକ୍ଷା କ୍ୟାବିନେଟ୍ ବୈଠକରେ ଦେଶର ଶକ୍ତି କ୍ଷେତ୍ରର ପ୍ରସ୍ତୁତି ଓ ଜରୁରିକାଳୀନ ବିକଳ୍ପ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରାଯାଇଥିଲା । ପଶ୍ଚିମ ଏସିଆର ସ୍ଥିତି ଜଟିଳ ହେଲେ ମଧ୍ୟ ଦେଶରେ ଇନ୍ଧନ ଓ ଶକ୍ତି ସାମଗ୍ରୀର ଯୋଗାଣ କେମିତି ନିରବଚ୍ଛିନ୍ନ ଭାବେ ଜାରି ରହିବ ତା ଉପରେ ମୋଦୀ ଫୋକସ କରିଥିଲେ । ବୈଠକରେ ଦେଶର ଶୀର୍ଷ ସୁରକ୍ଷା, କୂଟନୀତି, ଅର୍ଥନୀତି ଓ ଶକ୍ତି କ୍ଷେତ୍ରର ନେତୃତ୍ୱ ବୈଠକରେ ଉପସ୍ଥିତ ଥିବାରୁ ସ୍ପଷ୍ଟ ହେଉଛି ଯେ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ଭାରତ ସରକାର ଅତ୍ୟନ୍ତ ଗମ୍ଭୀରତାର ସହ ନଜର ରଖୁଛନ୍ତି । ମଧ୍ୟପ୍ରାଚ୍ୟରୁ ଭାରତ ଅଶୋଧିତ ତୈଳ ଓ ଏଲପିଜି ଆମଦାନି କରୁଥିବାରୁ ସେଠାକାର ସ୍ଥିତି ଦେଶପାଇଁ ବେଶ୍ ମହତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

୨୦ ଜିଲ୍ଲାରେ...

ନଥିବାବେଳେ ନବରଙ୍ଗପୁର, କୋରାପୁଟ, ବଲାଙ୍ଗୀର ଓ କଳାହାଣ୍ଡିରେ ବର୍ଷା ଜାରି ରହିଛି । ୨ ତାରିଖ ପରେ ପୁଣିଥରେ ବର୍ଷା ହେବ ବୋଲି ଆକଳନ କରାଯାଇଛି । ବିଶେଷକରି ଛତିଶଗଡ଼ ଉପରମୁଣ୍ଡରେ ବର୍ଷା ହେଉନଥିବାରୁ ଆଗକୁ ବନ୍ୟାଜଳ ଅଧିକ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ବିଶେଷକରି ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା କିଛି ମାତ୍ରାରେ ପ୍ରଭାବିତ ହୋଇଛି । ଅନ୍ୟପକ୍ଷରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ସେ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଓ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ବିସ୍ତୃତ ସମୀକ୍ଷା କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି ଯେ ନରାଜରେ ୧୦ଲକ୍ଷ କ୍ୟୁସେକ ଜଳ ଆସିଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି । ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଜିଲ୍ଲାପାଳମାନଙ୍କୁ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ବନ୍ୟା ପାଇଁ ବିଭିନ୍ନ ବିଭାଗ ଆଲର୍ଟ ରହିଛନ୍ତି । ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରି ଦିଆଯାଇଛି । ଏପରିକି ବହୁ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି । ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଆସିବା ବାଧ୍ୟତାମୂଳକ ବୋଲି କୁହାଯାଇଛି । ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ବିଭିନ୍ନ ସ୍ଥାନରେ ପମ୍ପସେଟ୍ ଲଗାଯାଇ ପାଣି ନିଷ୍କାସନ କରାଯାଉଛି । ଅନ୍ୟପକ୍ଷରେ ଯାଜପୁର ଜିଲ୍ଲା ବ୍ରାହ୍ମଣୀ ନଦୀରେ ଦୁଇ ବୁଲଟି ଘାଇ ସୃଷ୍ଟି ହୋଇଛି । ବଡ଼ି ବ୍ଲକ କିମିଡିଆପାଳ ବାଙ୍କସାହି ନିକଟରେ ୨୦ ଫୁଟର ଘାଇ ହୋଇଥିବାବେଳେ ଚନ୍ଦନପୁର ନିକଟରେ ୩୦ ଫୁଟର ଘାଇ ହୋଇଛି ।

ଆସାମରେ ବନ୍ୟାସ୍ଥିତି ଭୟଙ୍କର

ବୁଡ଼ିଲା ୬୨୨ ଗାଁ

- ମୃତ୍ୟୁସଂଖ୍ୟା ୭୫କୁ ବୃଦ୍ଧି
- ମୃତକଙ୍କ ପରିବାରକୁ ମିଳିବ ୯ ଲକ୍ଷ ଟଙ୍କା
- ସାଢେ ୩ ଲକ୍ଷ ଲୋକ ପ୍ରଭାବିତ

ଗୌହାଟୀ : ଆସାମରେ ବନ୍ୟାସ୍ଥିତି ଭୟଙ୍କର ରୂପ ଧାରଣ କରିଛି । ଗତ ୨୪ ଘଣ୍ଟାରେ ଆଉ ୭ଜଣଙ୍କ ମୃତ୍ୟୁ ହେବାପରେ ମୋଟ ମୃତ୍ୟୁସଂଖ୍ୟା ୭୫ରେ ପହଞ୍ଚିଛି । ପ୍ରାୟ ସାଢେ ୩ ଲକ୍ଷ ଲୋକ ବନ୍ୟାଯୋଗୁ ପ୍ରଭାବିତ ହୋଇଛନ୍ତି । ୭ଟି ଜିଲ୍ଲାର ୬୨୨ ଗାଁ ବନ୍ୟାପାଣିରେ ବୁଡ଼ି ଯାଇଛି । ଏହିସବୁ ଗାଁ ଗୁଡ଼ିକରୁ ଲୋକମାନଙ୍କୁ ଉଦ୍ଧାର ପାଇଁ ଜୋରଦାର ପ୍ରୟାସ ଜାରି ରହିଛି । ଅନ୍ୟପକ୍ଷରେ ଆସାମ ସରକାର ମୃତକଙ୍କ ପରିବାରକୁ ଦିଆଯିବାକୁ ଥିବା ସହାୟତା ରାଶି ୪ ଲକ୍ଷ ଟଙ୍କାରୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ ଶିବସାଗର, ଗୋଲାଘାଟ, ଯୋରହାଟ, ଚରାଇଦେଓ, ନଗାଁଓ, ସୋନିତପୁର ଓ କାମରୂପ ସମେତ ୭ଟି ଜିଲ୍ଲାରେ ବନ୍ୟାପାଣି ମାଡ଼ି ଯାଇଛି । ଡରାଙ୍ଗରେ ସର୍ବାଧିକ ୧.୪୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ୪୫,୩୪୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୮୧ଟି ରିଲିଫ କ୍ୟାମ୍ପ ଖୋଲାଯାଇଛି । ସେଠାରେ ୩୨,୪୭୭ ଲୋକ ଆଶ୍ରୟ ନେଇଛନ୍ତି । ଭାରତୀୟ ବାୟୁସେନା, ଏନଡିଆରଏଫ, ଏସଡିଆରଏଫ ସମେତ ବିଭିନ୍ନ ଏଜେନ୍ସିକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅନ୍ୟପକ୍ଷରେ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ପରେ ଚାରିଧାମ ଯାତ୍ରାକୁ ଦୁଇଦିନ ପାଇଁ ସ୍ଥଗିତ ରଖାଯାଇଛି । ଭୂସ୍ଖଳନ ଓ ପାହାଡ଼ରୁ ପଥର ଖସିବା ଯୋଗୁ ୧୧୧ଟି ରାସ୍ତା ବନ୍ଦ ହୋଇଯାଇଛି । ଡେରାଡୁନର ମାଲଦେବତାରେ ସର୍ବାଧିକ ୨୩୩ ମିମି ବର୍ଷା ରେକର୍ଡ କରାଯାଇଛି । କେତେକ ସ୍ଥାନରେ ଘର ଭୁଶୁଡ଼ି ପଡ଼ିଛି । ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ପାହାଡ଼ିଆ ଅଞ୍ଚଳକୁ ଅନାବଶ୍ୟକ ଭାବେ ନ ଯିବା ପାଇଁ ଲୋକଙ୍କୁ ସତର୍କ କରି ଦିଆଯାଇଛି ।